# ଜନ୍ମଭୂମି

## କବି:ପଦ୍ମଚରଣ ପଟ୍ଟନାୟକ

## ଶ୍ରେଣୀ:ଷଷ୍ଠ

## ଦ୍ୱିତୀୟ ଦିନ

## SUB-CONCEPTS:ଜନ୍ମଭୂମି ପ୍ରତ୍ୟେକ ମଣିଷ ପାଇଁ ମହାନ ।

### ପୂର୍ବ ପାଠ୍ୟର ଆଲୋଚନା-

୧.ଜନ୍ମଭୂମି କବିତାର କବି କିଏ ?
୨.ପଦ୍ମଚରଣ କେବେ ଜନ୍ମ ଗ୍ରହଣ କରିଥିଲେ ?
୩.କାହାର ଆଦର୍ଶରେ ସେ କବିତା ରଚନା କରିଥିଲେ ?




ODM EDUCATIONAL GROUP

# କବିତାଂଶ ବ୍ୟାଖ୍ୟା:

ଯେ ଦେଶେ ଜନ୍ମିଛି ମୁହିଁ, ଅଛି ଯେଉଁ ଦେଶେ
ଯେ ଦେଶର ବାୟୁ ବହେ ନିଃଶ୍ୱାସେ ପ୍ରଶ୍ୱାସେ ।
ଯେ ଦେଶରେ ରବି ତାପ କିରଣ ବିତରେ,
ତୃଷା ମେଣ୍ଟେ ଯେ ଦେଶର ସ୍ନିଗ୍ଧ ସ୍ୱଚ୍ଛ ଜଳେ ।
ଯାର ଫଳଶସ୍ୟେ କରେ ଜୀବନ ଧାରଣ,
ଯାର ବକ୍ଷେ ସଦା ସୁଖେ କରେ ବିଚରଣ ।
ସେହି ମୋର ଜନ୍ମ ଭୂମି ଜନନୀ ସମାନ
ଧାରା ତଳେ କାହିଁ ଅଛି ତା ସମାନ ସ୍ଥାନ ।



- ଯେଉଁ ଦେଶରେ ମୁଁ ଜନ୍ମ ନେଇଛି, ଯେଉଁ ଦେଶର ବାୟୁ ମୋର ନିଃଶ୍ୱାସ ପ୍ରଶ୍ୱାସରେ ପ୍ରବାହିତ ହେଉଛି,ଯେଉଁ ଦେଶର ସୂର୍ଯ୍ୟ ଉତ୍ତାପ ଓ କିରଣ ବାଣ୍ଟନ୍ତି, ଯାହାର ସ୍ୱଚ୍ଛ ଜଳରେ ମୋର ଶୋଷ ଦୂର ହୁଏ,ଯାହାର ଫଳ ଓ ଶସ୍ୟ ଗ୍ରହଣ କରି ମୁଁ ଜୀବନ ଧାରଣ କରେ,ଯାହା ଉପରେ ମୁଁ ଆନନ୍ଦରେ ଭ୍ରମଣ କରେ,ସେହି ସ୍ଥାନ ମୋର ଜନ୍ମଭୂମି ।

- ସେ ମୋ ମାଆ ପରି । ଏ ପୃଥିବୀରେ ତା' ପରି ସ୍ଥାନ ଆଉ କେଉଁଠି ନାହିଁ

# କଠିନ ଶବ୍ଦର ଅର୍ଥ:

- ରବି-ସୂର୍ଯ୍ୟ
- ବିତରେ-ବାଣ୍ଟିବା
- ତୃଷା-ଶୋଷ
- ବକ୍ଷେ-ଛାତିରେ
- ବିଚରଣ-ବୁଲିବା
- ଧରା-ପୃଥିବୀ
- ସ୍ନିଗ୍ଧ-କୋମଳ

# ବ୍ୟାକରଣଗତ ଶବ୍ଦ:

## ବିପରୀତ ଶବ୍ଦ:

ଜୀବନ-ମୃତ୍ୟୁ
ସମାନ-ଅସମାନ
ସୁଖ-ଦୁଃଖ
ଦେଶ-ବିଦେଶ
ସ୍ୱଚ୍ଛ-ଅସ୍ୱଚ୍ଛ
ଜନନୀ-ଜନକ

## ପ୍ରତିଶବ୍ଦ:

ବାୟୁ-ବାତ,ପବନ
ଜଳ-ଜୀବନ,ନୀର
ବକ୍ଷ-ଛାତି,ଦେହ

# ଗୃହକର୍ମ:

## ତୁମ ଜନ୍ମଭୂମି ବିଷୟରେ ୧୦ ଧାଡ଼ି ଲେଖ ।

# THANKING YOU

# ODM EDUCATIONAL GROUP